# ସତ୍ୟପ୍ରକାଶ

## THE VOICE OF TRUTH

July & August, 1999

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

Vol. 4 July & August , 1999 No. 4

Published every two months in Oriya Language for the Restoration of pure New Testament Christianity

**FREE!** **FREE!!** **FREE!!**

Study the Bible in the quiet of your own home. Enroll yourself in the **BASIC BIBLE COURSE** in Oriya language. Complete the course and obtain a copy of Oriya Holy Bible obsolutely free! Send your address today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟବାଣୀ
# VOICE OF TRUTH

Vol - IV KAKINADA JULY-AUG - IV


## ତୁଚ୍ଛୀକୃତ, ତଥାପି ବିଜୟୀ ଯୀଶୁଖ୍ରୀଷ୍ଟ
## ( The Rejected, But Victorious Jesus )

( ପୂର୍ବ ପ୍ରକାଶିତ ଉତ୍ତରୁ )

ତାହାଙ୍କ ଶତ୍ରୁମାନେ ମଧ୍ୟ ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଦେଖିଥିଲେ । ( ଲୂକ ୭ : ୭-୧୧ ) ମୃତ ଲାଜର ପୁନଃଜୀବିତ ହେବା ପରେ ପ୍ରଧାନ ଯାଜକ ଓ ଫାରୂଶୀମାନେ ମହାସଭା ଆହ୍ୱାନ କରି କହିଲେ ଆମ୍ଭେମାନେ କଅଣ କରୁଅଛୁ ? ଏ ଲୋକ ତ ଅନେକ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି ? ( ଯୋହନ ୧୧ : ୪୭ ) ସେମାନେ ଯୀଶୁଙ୍କ ସହିତ ଲାଜରଙ୍କୁ ମଧ୍ୟ ବଧ କରିବାକୁ ଷଡ଼ଯନ୍ତ୍ର କଲେ ।

କ୍ରୁଶରେ ହତ ଯୀଶୁଙ୍କୁ ଦେଖି ଅଧ୍ୟକ୍ଷମାନେ ବିଦ୍ରୂପ କରି କହିବାକୁ ଲାଗିଲେ, ସେ ଅନ୍ୟମାନଙ୍କୁ ରକ୍ଷା କଲା. ସେ ଯଦି ଅନ୍ୟମାନଙ୍କୁ ରକ୍ଷା କରିଥିଲେ ସେମାନେ ସ୍ୱୀକାର କରନ୍ତୁ । ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଏକତ୍ରିତ ଜନତାକୁ ପିତର କହିଲେ, 'ହେ ଇଶ୍ରାଏଲୀୟ ଲୋକମାନେ, ଏହି ସମସ୍ତ କଥା ଶୁଣନ୍ତୁ । ନାଜରତୀୟ ଯୀଶୁ ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆମ୍ଭମାନଙ୍କ ନିକଟରେ ଈଶ୍ୱରଙ୍କ ପ୍ରେରିତ ବ୍ୟକ୍ତି ବୋଲି ପ୍ରମାଣିତ ହୋଇ ଅଛନ୍ତି, ତାହାଙ୍କ ଦ୍ୱାରା ଈଶ୍ୱର ଯେ ଆପଣମାନଙ୍କ ମଧ୍ୟରେ ଏହି ସମସ୍ତ କର୍ମ କରିଅଛନ୍ତି, ଏହା ଆପଣମାନେ ନିଜେ ନିଜେ ଜାଣନ୍ତୁ । ( ପ୍ରେରିତ ୨ : ୨୨ )

ଯୀଶୁ ଲାଜାରଙ୍କୁ ପୁନଃଜୀବିତ କରିବାର କିଛି ସମୟ ପରେ ସେ ନିସ୍ତାର ପର୍ବ ପାଳନ କରିବାକୁ ଯିରୂଶାଲମରେ ପ୍ରବେଶ କଲେ । ଲୋକେ ତାହାଙ୍କ ଆସିବାର ବାର୍ତ୍ତା ଶୁଣି । ଖଜୁରୀ ବାହୁଡ଼ା ଦ୍ୱାରା 'ହୋଶାନ୍ନା ! ପ୍ରଭୁଙ୍କ ନାମରେ ଯେ ଆସୁ ଅଛନ୍ତି, ସେ ଧନ୍ୟ : ଧନ୍ୟ ଇଶ୍ରାଏଲ୍‌ର ରାଜା । କିନ୍ତୁ ତାହାଙ୍କ ସ୍ତବଗାନ କଲେ । କିଛି ଦିନ ପରେ ସେହି ଜନତା ତାହାଙ୍କୁ ତୁଚ୍ଛ କଲେ, କାହିଁକି ?

ଯୀଶୁ ଗୋପନରେ ଶିକ୍ଷା କିମ୍ବା ଆଶ୍ଚର୍ଯ୍ୟକର୍ମ କରି ନଥିଲେ । ଅନେକ ବର୍ଷ ପରେ ପ୍ରେରିତ ପାଉଲ ରାଜା ଆଗ୍ରିପ୍ପାଙ୍କୁ କହନ୍ତି, 'ରାଜା ତ ଏ ସମସ୍ତ ବିଷୟ ଜାଣନ୍ତି, ଆଉ ମୁଁ ତାଙ୍କ ସମ୍ମୁଖରେ ମଧ୍ୟ ସାହସରେ କଥା କହୁଅଛି କାରଣ ଏହି ସମସ୍ତ ବିଷୟର କୌଣସି କଥା ତାଙ୍କର ଅଗୋଚର ନୁହେଁ ବୋଲି ମୋହର ବିଶ୍ୱାସ ଏହା ତ ଗୋପନରେ କରା ହୋଇ ନାହିଁ । ( ପ୍ରେରିତ ୨୬ : ୨୬ )

ଯୋହନଙ୍କ ସାକ୍ଷ୍ୟ ତଥା ଯୀଶୁ ଖ୍ରୀଷ୍ଟଙ୍କ କୃତକର୍ମ ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ପୁରାତନ ନିୟମର ଭାବବାଣୀଗୁଡ଼ିକ ତାହାଙ୍କ ଆଗମନର ସାକ୍ଷ୍ୟ ଦିଏ, ତୁମ୍ଭେମାନେ ଧର୍ମଶାସ୍ତ୍ର ଅନୁସନ୍ଧାନ କରୁଅଛ, କାରଣ ସେଥିରେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛ ବୋଲି ମନେ କରୁଅଛ, ଆଉ ସେହି ଧର୍ମଶାସ୍ତ୍ର ମୋ ବିଷୟରେ ସାକ୍ଷ୍ୟ ଦେଉଅଛି । କାରଣ ତୁମ୍ଭେମାନେ ଯଦି ମୋଶାଙ୍କୁ ବିଶ୍ୱାସ କରନ୍ତ, ତେବେ ମୋତେ ବିଶ୍ୱାସ କରନ୍ତ, ଯେଣୁ ସେ ମୋ ବିଷୟରେ ଲେଖି ଅଛନ୍ତି । କିନ୍ତୁ ତୁମ୍ଭେମାନେ ଯଦି ଲିଖିତ ବାକ୍ୟ ବିଶ୍ୱାସ କରୁ ନାହଁ, ତେବେ କିପରି ମୋହର ବାକ୍ୟ ବିଶ୍ୱାସ କରିବ ? ( ଯୋହନ ୫ : ୩୯, ୪୬, ୪୭ )

ପୁନଃରୁତ୍‌ଥାନ ପରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ '......ମୋଶାଙ୍କ ବ୍ୟବସ୍ଥା ଏବଂ ଭାବବାଦୀମାନଙ୍କ ଓ ଗୀତସଂହିତା ଧର୍ମଶାସ୍ତ୍ରରେ ମୋ ବିଷୟରେ ଯାହା ଯାହା ଲେଖାଅଛି ସେହିସବୁ

ସଫଳ ହେବା ଆବଶ୍ୟକ ମୁଁ ତୁମ୍ଭମାନଙ୍କ ସଙ୍ଗରେ ଥିବା ସମୟରେ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିଅଛନ୍ତି । ( ଲୂକ ୨୪ : ୪୪ )

ପ୍ରେରିତ ପିତର ଶଲୋମନ ମଣ୍ଡପରେ ଏକତ୍ରିତ ଜନତାକୁ କହନ୍ତି 'ହଁ ସାମୁଏଲ ଓ ତାଙ୍କ ପରବର୍ତ୍ତୀ ସମୟ ଠାରୁ ଯେତେ ଭବିଷ୍ୟଦ୍‌ବକ୍ତା କଥା କହିଅଛନ୍ତି, ସେମାନେ ସମସ୍ତ ମଧ୍ୟ ଏହି କାଳର ବିଷୟ ପ୍ରଚାର କରିଅଛନ୍ତି । 'ପ୍ରେରିତ ୩ : ୨୪ ) । ଯେଉଁ ଜନସମୂହ ଦ୍ୱାରା ପ୍ରଭୁ ଯୀଶୁ କ୍ରୁଶାର୍ପିତ ହୋଇଥିଲେ, ସେମାନଙ୍କ ଦ୍ୱାରା ହିଁ ଭବିଷ୍ୟଦ୍‌ବାଣୀ ସକଳ ସଫଳ ହୋଇଥିଲା ।

ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମ ସକଳ ତାହାଙ୍କ ଈଶ୍ୱରତ୍ୱର ସାକ୍ଷ୍ୟ ଦିଏ । ପାଲେଷ୍ଟାଇନ୍‌ବାସୀ ତାହାଙ୍କ ଦ୍ୱାରା ସୁସ୍ଥତା ପ୍ରାପ୍ତ ତାହାଙ୍କ ଶକ୍ତିର ଆଭାସ ପାଇବାରେ ସୁଯୋଗ ହୋଇଥିଲେ । ସେ ଈଶ୍ୱରଙ୍କ ପୁତ୍ର ହୋଇ ନଥିଲେ, ସେ କଦାପି ଆଶ୍ଚର୍ଯ୍ୟ କର୍ମ ସାଧନ କରିବାରେ ଶକ୍ତିପ୍ରାପ୍ତ ହୋଇ ଥାଆନ୍ତେ । ଯିହୁଦୀମାନଙ୍କ ଜଣେ ନୀକଦୀମ ତାହାଙ୍କ ସମ୍ମୁଖରେ ସ୍ୱୀକାର କରି କହନ୍ତି, ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ ଏହା ଆମ୍ଭେମାନେ ଜାଣୁ କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟ କର୍ମ କରୁଅଛନ୍ତି ଈଶ୍ୱର ସାଙ୍ଗରେ ନଥିଲେ ସେହିସବୁ କରିପାରେ ନାହିଁ । ( ଯୋହନ ୩ : ୧, ୨ )

ତେବେ ଯେଉଁମାନେ ମସିହଙ୍କର ଅପେକ୍ଷାରେ ଥିଲେ ସେମାନେ କାହିଁକି ପ୍ରଭୁଯୀଶୁଙ୍କ ଠାରେ ଅବିଶ୍ୱାସ କଲେ ? ପୁଣି କେତେକ ତାହାଙ୍କ ଠାରେ ବିଶ୍ୱାସ କରି ମଧ୍ୟ ତାହାଙ୍କ ଦୁଃଖଭୋଗ ସମୟରେ ତାହାଙ୍କୁ ପରିତ୍ୟାଗ କଲେ ?

କାରଣ ସେମାନଙ୍କ ବିଶ୍ୱାସର ଶକ୍ତି ସେମାନଙ୍କ ବିଶ୍ୱାସ ଉପରେ ଆଧାରିତ ନ ହୋଇ ନେତାମାନଙ୍କ ବିଶ୍ୱାସ ଉପରେ ଆଧାରିତ ଥିଲା । ବାକ୍ୟ କହେ, 'ପୁଣି ଦେଖ, ସେ ପ୍ରକାଶରେ କଥା

ଚିହ୍ନିଛନ୍ତି ଆଉ ସେମାନେ ତାହାଙ୍କୁ କିଛି କହୁ ନାହାନ୍ତି । ଏ ଯେ ଖ୍ରୀଷ୍ଟ ଏହା କଅଣ ନେତାମାନେ ସତେ ଜାଣି ପାରିଲେଣି ? ( ଯୋହନ ୭ : ୨୬ )

ଅନେକେ ସେମାନଙ୍କ ନେତାମାନଙ୍କ ସମ୍ମତି ଖୋଜୁଥିଲେ ଯୀଶୁଖ୍ରୀଷ୍ଟ ଲାଜାରଙ୍କୁ ଜୀବିତ କରିବା ପରେ କେତେକ ଫାରୁଶୀମାନେ ନିକଟକୁ ଯାଇ, ଯୀଶୁ ଯାହା ୨ କରିଥିଲେ ସେହିସବୁ ଜଣାଇଲେ ଏବଂ ସେମାନେ ଯୀଶୁଙ୍କୁ ବଧ କରିବା ପାଇଁ ମନ୍ତ୍ରଣା କଲେ । ( ଯୋହନ ୧୧ : ୪୫–୪୭ )

ଥରେ ବିଶ୍ରାମ ବାରରେ ପ୍ରଭୁଯୀଶୁ ଜଣେ ଜନ୍ମାନ୍ଧକୁ ସୁସ୍ଥ କରିଥିଲେ । ସୁସ୍ଥ ହୋଇଥିବା ବ୍ୟକ୍ତି ସେ ଯୀଶୁଙ୍କ ଦ୍ୱାରା ଦୃଷ୍ଟି ପ୍ରାପ୍ତ ହୋଇଅଛି ବୋଲି ଫାରୁଶୀମାନଙ୍କୁ କହିବା ସତ୍ତ୍ୱେ ସେମାନେ ତାହା ମାତାପିତାଙ୍କୁ ପ୍ରଶ୍ନ କରିଥିଲେ । ଯଦି କେହି ଯୀଶୁଙ୍କୁ ଖ୍ରୀଷ୍ଟ ବୋଲି ସ୍ୱୀକାର କରେ ସେ ସମାଜଚ୍ୟୁତ ହେବ ବୋଲି ଯିହୁଦୀମାନଙ୍କ ଆଜ୍ଞାକୁ ଭୟ କରି ସେମାନେ ଖ୍ରୀଷ୍ଟଙ୍କୁ ସ୍ୱୀକାର କଲେ ନାହିଁ । ଜନ-ସମୂହର ଅସାରମାର୍ଗ ଅନୁସରଣ କରିବା ମନୁଷ୍ୟର ସ୍ୱାଭାବିକ ପ୍ରକୃତି । ବାକ୍ୟ କହେ ନେତାମାନଙ୍କମଧ୍ୟରୁ ସୁଦ୍ଧା ଅନେକ ତାହାଙ୍କ ଠାରେ ବିଶ୍ୱାସ କଲେ । କିନ୍ତୁ କାଳେ ସମାଜଚ୍ୟୁତ ହୁଅନ୍ତି, ଏଥି ପାଇଁ ଫାରୁଶୀମାନଙ୍କ ହେତୁ ତାହା ସ୍ୱୀକାର କରୁ ନଥିଲେ, କାରଣ ସେମାନେ ଈଶ୍ୱରଙ୍କ ଠାରୁ ଗୌରବ ଅପେକ୍ଷା ବରଂ ମନୁଷ୍ୟମାନଙ୍କ ଠାରୁ ଗୌରବ ଭଲ ପାଇଲେ । ( ଯୋହନ ୧୨ : ୪୨, ୪୩ )

ଆଉ କେତେକ ତାହାଙ୍କ ଶିକ୍ଷା ଘୃଣା କରୁଥିଲେ । ତାହାଙ୍କ କେତେକ ଶିକ୍ଷା ବିଷୟରେ ତାହାଙ୍କ ଶିଷ୍ୟମାନେ କହିଲେ, ' ଏ ଘୃଣାଜନକ କଥା । କିଏ ଏହା ଶୁଣିପାରେ ? ...... ସେହି ସମୟଠାରୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକ ବିମୁଖ ହୋଇ ବାହାରି ଗଲେ । ପୁଣି ତାହାଙ୍କ ସାଙ୍ଗରେ ଆଉ ଗମନାଗମନ କଲେ ନାହିଁ । ( ଯୋହନ ୬ : ୬୦-୬୬ )

ସେଥିରେ ଯୀଶୁ ଦ୍ୱାଦଶଙ୍କୁ ପଚାରିଲେ, ତୁମ୍ଭେମାନେ ମଧ୍ୟ କଅଣ ଚାଲିଯିବାକୁ ଇଚ୍ଛା କରୁଅଛ ? ଶିମୋନ ପିତର ତାହାଙ୍କୁ ଉତ୍ତର ଦେଲେ ପ୍ରଭୋ କାହାପାଖକୁ ଯିବା ? ଆପଣଙ୍କ ପାଖରେ ଅନନ୍ତ ଜୀବନର ବାକ୍ୟ ଅଛି । ( ଯୋହନ ୬ : ୬୭-୬୦ )

ଯଦି ତାହାଙ୍କ ଶିଷ୍ୟମାନେ, ମରିୟମ, ମର୍ଥା, ଲାଜର ଏବଂ ଅନ୍ୟାନ୍ୟ ତାହାଙ୍କୁ ଖ୍ରୀଷ୍ଟ ବୋଲି ବିଶ୍ୱାସ କଲେ, ଅନ୍ୟମାନଙ୍କ ବିଶ୍ୱାସ କରିବାରେ ବାଧା କଅଣ ? ( ଯୋହନ ୬ : ୬୯, ମଥିଉ ୧୬ : ୧୬, ଯୋହନ ୧୧ : ୨୭ )

ଆହୁରି କେତେକ ବଳପୂର୍ବକ ତାହାଙ୍କୁ ଧରି ରାଜା କରିବାକୁ ଉଦ୍ୟତ ଥିଲେ । ( ଯୋହନ ୬ : ୧୫, ୧୯ : ୩୫-୪୦ ) ଆଗମନକାରୀ ମଶୀହ ରୋମ ସାମ୍ରାଜ୍ୟ ଧ୍ୱଂସ କରି, ଯିହୁଦୀମାନଙ୍କ ସ୍ଥାପନ କରିବେ ବୋଲି ସେମାନେ ଅପେକ୍ଷା କରୁଥିଲେ । ତାହାଙ୍କ ପୁନଃରୁତ୍ଥାନ ପରେ ତାହାଙ୍କ ଏକାଦଶ ଶିଷ୍ୟ ବୃନ୍ଦ ତାହାଙ୍କୁ ପଚାରିଲେ, ' ହେ ପ୍ରଭୁ, ଆପଣ କଅଣ ଏହି ସମୟରେ ଇସ୍ରାଏଲ୍ ହସ୍ତରେ ପୁନର୍ବାର ରାଜ୍ୟଭାର ସମର୍ପଣ କରୁ ଅଛନ୍ତି ? ( ପ୍ରେରିତ ୧ : ୬ କାରଣ ତାହାଙ୍କ ରାଜ୍ୟ ଆତ୍ମିକ ରାଜ୍ୟ ବୋଲି ସେମାନେ ଅଜ୍ଞାତ ଥିଲେ । ( ଯୋହନ ୧୮ : ୩୬, କଲସୀ ୧ : ୧୩ ଏଫିସୀ ୬ : ୧୦-୧୯ )

ଯାଜକ, ଫାରୁଶୀମାନଙ୍କ ନେତା ତଥା ସାଧାରଣ ପ୍ରଜାମାନଙ୍କର ପୁରାତନ ବ୍ୟବସ୍ଥା ସମ୍ବନ୍ଧୀୟ ଆବଶ୍ୟକ ଜ୍ଞାନ ନଥିଲା । ମୃତମାନଙ୍କ ପୁନଃରୁତ୍ଥାନ ବିଷୟ ନେଇ ସାଦ୍ଦୁକୀମାନେ ଯେତେବେଳେ ଯୀଶୁଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ପ୍ରଶ୍ନ କରିଥିଲେ । ସେ ସେମାନଙ୍କୁ କହିଲେ ' . .. ତୁମ୍ଭେମାନେ ଧର୍ମଶାସ୍ତ୍ର, ପୁଣି ଈଶ୍ୱରଙ୍କ ଶକ୍ତି ମଧ୍ୟ ନ ଜାଣି ଭ୍ରାନ୍ତ ହେଉ ଅଛ । ( ମାଥିଉ ୨୨ : ୨୯ ) ।

ଅଧକ୍ଷମାନଙ୍କ ଅଜ୍ଞାନତା ହେତୁ ସେମାନେ ଯୀଶୁଙ୍କୁ ହିଂସାରେ ହତ କରିଥିଲେ ବୋଲି ପ୍ରେରିତ ପିତର ଶଲୋମନ ମଣ୍ଡପରୁ ପ୍ରଚାର କରି-ଥିବା ପ୍ରସଙ୍ଗରେ ଉଲ୍ଲେଖ କରନ୍ତି । ( ପ୍ରେରିତ ୩ : ୧୭ )

ଯିଶାଇୟ ୬ : ୯, ୧୦ ପଦରେ କହନ୍ତି ' ତୁମ୍ଭେମାନେ ଶୁଣୁଛ ନିଶ୍ଚୟ ମାତ୍ର ବୁଝୁ ନାହଁ ଓ ଦେଖୁଛ ନିଶ୍ଚୟ ମାତ୍ର ଜାଣୁ ନାହିଁ । ଏହି ଲୋକମାନେ ଆପଣା ଆପଣା ଚକ୍ଷୁରେ ଦେଖି ଓ କର୍ଣ୍ଣରେ ଶୁଣି ଓ ଅନ୍ତଃକରଣରେ ବୁଝି ମନ ଫେରାଇ ଯେପରି ସୁସ୍ଥ ନ ହୁଅନ୍ତି । ଏଥିପାଇଁ ତୁମ୍ଭେ ସେମାନଙ୍କ ଅନ୍ତଃକରଣ ସ୍ଥୂଳ କର ଓ ସେମାନଙ୍କ କର୍ଣ୍ଣଭାରି କର ଓ ସେମାନଙ୍କ ଚକ୍ଷୁ ମୁଦ ଦିଅ ।

ଯୀଶୁଙ୍କ ସମୟର ଲୋକମାନଙ୍କ ଚକ୍ଷୁ ମଧ୍ୟ କଣ୍ଟି ଏହିପରି ଥିଲା । ସେମାନେ ଯେପରି ନ ବୁଝନ୍ତି, ଏଥିପାଇଁ ଆପଣା ଆପଣା ଜ୍ଞାନଚକ୍ଷୁ ବୁଜି ଦେଇଥିଲେ । ବର୍ଷ ବର୍ଷ ଧରି ଅପେକ୍ଷା କରୁଥିବା ମଶୀହଙ୍କୁ ସେମାନେ ଚିହ୍ନି ପାରି ନଥିଲେ ।

ଯୀଶୁଙ୍କ ମୁଖ ନିର୍ଗତ ବାକ୍ୟରେ ତାହାଙ୍କ ସ୍ୱଗ୍ରାମ ନାଜରିତର ଲୋକେ ଚମତ୍କୃତ ହେଲେ । ତଥାପି ତାହାଙ୍କୁ ବାଲ୍ୟ-କାଳରୁ ଜାଣି ଥିବା ଲୋକେ ତାହାଙ୍କୁ ଗ୍ରହଣ କରିବାରେ କୁଣ୍ଠିତ ବୋଧ କଲେ । ତାହାଙ୍କ ବାକ୍ୟ ଶୁଣି କ୍ରୋଧାନ୍ୱିତ ହୋଇ ତାହାଙ୍କୁ ନଗରରୁ ବାହାର କରି ଦେଲେ ଏବଂ ସେମାନଙ୍କର ନଗର ଯେଉଁ ପର୍ବତ ଉପରେ ସ୍ଥାପିତ ଥିଲା । ସେଥିର ଶୀର୍ଷ ସ୍ଥାନରୁ ତଳକୁ ପକାଇ ଦେବା ନିମନ୍ତେ ତାହାଙ୍କୁ ସେଠାକୁ ଘେନିଗଲେ । ସୁପରିଚିତ ଯୀଶୁ ଖ୍ରୀଷ୍ଟଙ୍କ ମଶୀହ ରୂପେ ଗ୍ରହଣ କରିବାରେ ନାଜରିତବାସୀ କୁଣ୍ଠିତ ବୋଧ କଲେ । ( ଲୂକ ୪ : ୧୬-୩୬ )

ଈର୍ଷାରେ ଯେ ଯୀଶୁଖ୍ରୀଷ୍ଟଙ୍କୁ ଯିହୁଦୀମାନେ ତାହାଙ୍କ ହସ୍ତରେ ସମର୍ପଣ କରିଥିଲେ । ଏହା ପିଲାତ ଜାଣିଥିଲେ (ମାଥିଉ ୨୭ : ୧୮)

ନିକଦୀମ ଯେଉଁମାନେ ଯୀଶୁଙ୍କ ମୃତ୍ୟୁଦଣ୍ଡରେ ସମ୍ମତ ନଥିଲେ ।
ଆମ୍ଭମାନଙ୍କ ତ୍ରାଣକର୍ତ୍ତାଙ୍କୁ ସଯତ୍ନରେ ସମାଧି ଦେଇଥିଲେ । (ଯୋହନ
୧୯ : ୩୮-୪୨, ଲୂକ ୨୩ : ୫୦-୫୩ ।

ଯଦିଓ ଯୀଶୁ ଶତ୍ରୁ ହସ୍ତରେ ସମର୍ପିତ ହେବାପରେ ତାହାଙ୍କ
ଏକାଦଶ ଶିଷ୍ୟବୃନ୍ଦ ତାହାଙ୍କୁ ଛାଡ଼ି ପଳାଇ ଗଲେ, କିନ୍ତୁ ସମୟପରେ
ତାହାଙ୍କ ନିକଟକୁ ଫେରିଆସି, ତାହାଙ୍କ ଦତ୍ତ ଆଜ୍ଞାପାଳନ କରି ଏବଂ
ସର୍ବ ଜଗତରେ ତାହାଙ୍କୁ ସୁସମାଚାର ପ୍ରଚାର କଲେ । ( ମାଥିଉ
୨୮ : ୧୮-୨୦ ) ତିନିଥର ପ୍ରଭୁଙ୍କୁ ଅସ୍ୱୀକାର କରିବା ପରେ ପିତର
ବ୍ୟାକୁଳ ହୋଇ କ୍ରନ୍ଦନ କରି ଅନୁତାପ କରିଥିଲେ ଏବଂ ତାହାଙ୍କ
ବଳକା ଜୀବନ ପ୍ରଭୁଙ୍କ ସେବାରେ ବିତାଇଥିଲେ । ( II ପିତର
୧ : ୧୩, ୧୪ ) । ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଈଶ୍ବର ଓ ପିତା
ଧନ୍ୟ ସେ ମୃତମାନଙ୍କ ମଧ୍ୟରୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନ ଦ୍ୱାରା ଜୀବନଦାୟକ
ଭରସା ପ୍ରାପ୍ତି ନିମନ୍ତେ ଅର୍ଥାତ୍ ଯେଉଁ ଅକ୍ଷୟ, ଅକଳଙ୍କିତ, ଅଜର
ଅଧିକାର ତୁମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ସଞ୍ଚିତ ହୋଇଅଛି, ତାହା
ପାଇବା ନିମନ୍ତେ ଆପଣାର ମହାଦୟାରେ ଆମ୍ଭମାନଙ୍କୁ ପୁନର୍ଜନ୍ମ
ଦେଇ ଅଛନ୍ତି । ( ୧ମ ପିତର ୧ : ୩ ) ତାହାଙ୍କ ଶିଷ୍ୟମାନେ
ଅନେକ ଯାତନାର ସମ୍ମୁଖୀନ ହେଲେ ସୁଦ୍ଧା ଆପଣା ପ୍ରଭୁଙ୍କୁ
ପୁନଃର୍ବାର ପରିତ୍ୟାଗ କରି ନଥିଲେ ।

ସେ କେଫାଙ୍କୁ, ଆଉ ତାହାପରେ ଦ୍ୱାଦଶଙ୍କୁ ଦର୍ଶନ
ଏଥି ଉତ୍ତାରେ ପାଞ୍ଚ ଶହଠାରୁ ଅଧିକ ଭାଇମାନଙ୍କୁ ଦର୍ଶନ ଦେଲେ
ଦେଲେ ପ୍ରଭୁଙ୍କ ଜୀବନକାଳରେ ତାହାଙ୍କ ଭାଇମାନେ ତାହାଙ୍କଠାରେ
ବିଶ୍ୱାସ କରୁ ନଥିଲେ ସୁଦ୍ଧା ତାହାଙ୍କ ପୁନଃରୁତ୍ଥାନ ପରେ ସେମାନେ
ତାହାଙ୍କ ଠାରେ ବିଶ୍ୱାସ କଲେ । ( ପ୍ରେରିତ ୧ : ୧୪ )

ଫାରୂଶୀ, ସାଦ୍ଦୂକୀ, ଶାସ୍ତ୍ରୀ ଓ ପ୍ରଧାନ ଯାଜକମାନେ
ତାହାଙ୍କୁ କ୍ରୁଶରେ ହତ କରି ତାହାଙ୍କୁ ସଦାକାଳ ନିମନ୍ତେ ନିରବ
କରିବାରେ ସକ୍ଷମ ହୋଇ ପାରିଛନ୍ତି ବୋଲି ମନେ କରୁଥିଲେ ।

ତାହାଙ୍କ ଜୀବନକାଳରେ ସେ ଗୋଟିଏ ସୁଦ୍ଧା ପାପ କରି ନଥିଲେ । ( ଏବ୍ରୀ ୪ : ୧୫ ) । ସେ କୌଣସି ପାପ କଲେ ନାହିଁ, କିଅବା ତାହାଙ୍କ ମୁଖରେ କୌଣସି ଛଳକଥା ନଥିଲା । ସେ ନିନ୍ଦା ପାଇବା ସମୟରେ ଫେରି ନିନ୍ଦା କଲେନାହିଁ, ଦୁଃଖ ଭୋଗ କରିବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ । କିନ୍ତୁ ନ୍ୟାୟବିଚାର କର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ । ( ୧ମ ପିତର ୨ : ୨୨, ୨୩ ) । ସେ ସମସ୍ତ ପ୍ରକାର କଷ୍ଟ, ଯାତନା, ଲଜ୍ଜ୍ୟା ଓ କ୍ରୁଶୀୟ ମୃତ୍ୟୁ ସମୟରେ କୌଣସି ପ୍ରକାର ପାପ ନକରି ସହ୍ୟ କରିଥିଲେ । ତାହାଙ୍କ ବଳିଦାନରେ ଆମ୍ଭମାନଙ୍କ ମୁକ୍ତି । ତାହାଙ୍କ ଆଜ୍ଞାବହମାନେ ତାହାଙ୍କ ଉତ୍ସର୍ଗୀକୃତ ରକ୍ତ ଦ୍ୱାରା ପାପକ୍ଷମା ପାଆନ୍ତି ଏହା ହିଁ ତାହାଙ୍କ ବିଜୟ ! ସେ ପାପ ଉପରେ ବିଜୟତା ସାଧନ କରି ଅଛନ୍ତି ।

### କିଏ କିପରି ମୃତ ମନୁଷ୍ୟକୁ ଜୀବିତ କରିପାରେ ?

ଯୀଶୁଙ୍କ ଜୀବନ କୌଣସି ମନୁଷ୍ୟ ନେଇ ନଥିଲେ କିନ୍ତୁ କିନ୍ତୁ ସେ ସ୍ୱଇଚ୍ଛାରେ ଦାନ କରିଥିଲେ । ‘ .... ପୁଣି ମେଷଗୁଡ଼ିକ ନିମନ୍ତେ ତାହା ଦାନ କରେ । କେହି ମୋ’ଠାରେ ତାହା ନେଇଯାଇ ନାହିଁ, ମାତ୍ର ମୁଁ ଆପେ ତାହା ଦାନ କରେ । ତାହାନ କରିବାକୁ ମୋହର ଅଧିକାର ଅଛି ଓ ତାହା ପୁନଃବାର ଗ୍ରହଣ କରିବାକୁ ମୋହର ଅଧିକାର ଅଛି । ମୁଁ ମୋହର ପିତାଙ୍କଠାରୁ ଏହି ଆଜ୍ଞା ପାଇଅଛି । ( ଯୋହନ ୧୦ : ୧୫, ୧୭, ୧୮ ) । ‘ . ଯେପରି ଈଶ୍ୱରଙ୍କ ଅନୁଗ୍ରହରେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ସେ ମୃତ୍ୟୁ ଆସ୍ୱାଦନ କରନ୍ତି । ( ଏବ୍ରୀ ୨ : ୯ ) ଏଥି ନିମନ୍ତେ ସେ ଆପଣା ସମର୍ପିତ କଲେ । ଅତଏବ ସମସ୍ତ ବିଷୟରେ ଆପଣା ଭ୍ରାତାମାନଙ୍କ ସଦୃଶ୍ୟ ହେବ । ତାହାଙ୍କର ଉଚିତ ଥିଲା ଯେପରି ସେ ଲୋକମାନଙ୍କ ପାପର ପ୍ରାୟଶ୍ଚିତ କରିବା ନିମନ୍ତେ ଈଶ୍ୱରଙ୍କ ସେବା ସମ୍ବନ୍ଧରେ ଜଣେ ଦୟାଳୁ ଓ ବିଶ୍ୱସ୍ତ ମହାଯାଜକ ହୁଅନ୍ତି । କାରଣ ସେ ନିଜେ

ପରୀକ୍ଷା ସିଦ୍ଧ ହୋଇ ଦୁଃଖଭୋଗ କରିଥିବାରୁ ପରୀକ୍ଷିତ ହେଉଥିବା ଲୋକମାନଙ୍କ ଉପକାର କରିବା ନିମନ୍ତେ ସକ୍ଷମ ଅଟନ୍ତି । ( ଏବ୍ରୀ ୨ : ୧୭, ୧୮ )

ତାହାଙ୍କ କ୍ରୁଶୀ ମୃତ୍ୟୁର ତୃତୀୟ ଦିବସ ଯାହାକି ସପ୍ତାହରେ ପ୍ରଥମ ଦିବସ ଥିଲା ଆମ୍ଭମାନଙ୍କ ପରିତ୍ରାଣ କର୍ତ୍ତାଙ୍କୁ ଆଉ ସମାଧି ଧରି ରଖି ପାରିନଥିଲା । ( ଲୂକ ୨୪ : ୧, ୭, ୧୩, ୨୧ ) । 'କିନ୍ତୁ ଧର୍ମମୟ ଆତ୍ମା ସମ୍ବନ୍ଧରେ ମୃତମାନଙ୍କ ମଧ୍ୟରୁ ପୁନରୁତ୍ଥାନ ଦ୍ୱାରା ଈଶ୍ୱରଙ୍କ ପୁତ୍ର ବୋଲି ଶକ୍ତି ସହ ନିର୍ଦ୍ଦିଷ୍ଟ ହେଲେ । ( ରୋମୀୟ ୧ : ୪ ) । ଯୀଶୁ ମୃତ୍ୟୁଞ୍ଜୟୀ ଅଟନ୍ତି ।

ତାହାଙ୍କ ପୁନରୁତ୍ଥାନ ପରେ ଚାଳିଶି ଦିନ ଏହି ଜଗତରେ ରହି ପ୍ରେରିତମାନଙ୍କୁ ତଥା ଅନେକ ଶିଷ୍ୟମାନଙ୍କୁ ସେ ଦର୍ଶନ ଦେଇଥିଲେ । ଚାଳିଶି ଦିନ ପରେ ସେ ପବିତ୍ର ଆତ୍ମାଙ୍କର ଶକ୍ତିପ୍ରାପ୍ତ ହେବା ପର୍ଯ୍ୟନ୍ତ ଯିରୂଶାଲମରେ ଅପେକ୍ଷା କରିବାକୁ ତଥା ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହେବା ପରେ ଯିରୂଶାଲମ, ଯିହୂଦା ଓ ଶମିରୋଣ ତଥା ସର୍ବଜଗତରେ ତାହାଙ୍କ ସାକ୍ଷୀ ହେବା ନିମନ୍ତେ ଶିଷ୍ୟମାନଙ୍କୁ ଆଜ୍ଞା ଦେଇ ସ୍ୱର୍ଗାରୋହଣ କରିଥିଲେ । 'ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇ ଅଛି 'ବୋଲି କହିଥିବା ଆମ୍ଭମାନଙ୍କ ତ୍ରାଣ-କର୍ତ୍ତା ଏବେ 'ସ୍ୱର୍ଗରେ ଗୃହୀତ ହୋଇ ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇ କହନ୍ତି, ଭୟ କରନାହିଁ, ଆମ୍ଭେ ପ୍ରଥମ ଓ ଶେଷ, ପୁଣି ସ୍ୱୟଂଜୀବୀ, ଆମ୍ଭେ ମୃତ ଥିଲୁ, ଆଉ ଦେଖ, ଆମ୍ଭେ ଯୁଗେ ୨ ଜୀବିତ ଅଟୁ ।

ଯୀଶୁଙ୍କ ପୁନଃରୁତ୍ଥାନର ପ୍ରଥମ ପେଣ୍ଟିକଷ୍ଟ ଦିନରେ ତାହାଙ୍କ ଆଜ୍ଞାନୁଯାୟୀ ତାହାଙ୍କ ଶିଷ୍ୟମାନେ ଯିରୂଶାଲମରେ ଏକତ୍ରିତ ଥିବା ସମୟେ, ସେମାନଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିଥିଲେ । ( ପ୍ରେରିତ ୨ : ୧-୮ ) । 'ସତ୍ୟମୟ ଆତ୍ମା ଆସିଲେ ସେ ପଥ ଦେଖାଇ ତୁମ୍ଭେ ତୁମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବେ

( ଯୋହନ ୧୬ : ୧୩ ) ଯୀଶୁ ଖ୍ରୀଷ୍ଟଙ୍କ ଏହି ପ୍ରତିଜ୍ଞାନୁଯାୟୀ ସେମାନେ ଶକ୍ତି ପ୍ରାପ୍ତ ହୋଇ ଈଶ୍ୱରଙ୍କ ସତ୍ୟତା ପ୍ରଚାର କଲେ । ସେହିଦିନରେ ସେଠାରେ ଉପସ୍ଥିତ ଷୋହଳ ସତର ଦେଶର ଯିହୁଦୀମାନେ ଆକାଶରୁ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଶୁଣିଲେ । ପ୍ରେରିତମାନେ ସେମାନଙ୍କ ଆପଣା ଭାଷାରେ କଥା କହୁଥିବା ଶୁଣି ବିସ୍ମୟାନ୍ୱିତ ହେଲେ । ଆମ୍ଭେମାନେ କିପରି ପ୍ରତ୍ୟେକ ଜଣ ଆପଣା ଆପଣା ଜନ୍ମଭୂମିର ଭାଷାରେ କଥା ଶୁଣୁଅଛୁ ? ( ପ୍ରେରିତ ୨ ୫ : ୧୨ ) । ପିତର ସେମାନଙ୍କୁ କହିଲେ । '...... ଯେଉଁ ଯୀଶୁଙ୍କୁ ଆପଣମାନେ କ୍ରୁଶରେ ବଧ କଲେ, ତାହାଙ୍କୁ ଈଶ୍ୱର, ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି ( ୩୬ ପଦ ) ସେହିଦିନର ଆଶ୍ଚର୍ଯ୍ୟମୟ ଘଟଣା ଏଥିପୂର୍ବେ ଖ୍ରୀଷ୍ଟଙ୍କ କୃତ ଆଶ୍ଚର୍ଯ୍ୟ କର୍ମ ସକଳ ତଥା ତାହାଙ୍କ ଶତ୍ରୁମାନଙ୍କ ପ୍ରତି ତାହାଙ୍କ ଦୟା କ୍ଷମା ମନୋଭାବ ସେମାନଙ୍କ ହୃଦୟରେ ବିଶ୍ୱାସ ଜନ୍ମାଇବାରେ ସାହାଯ୍ୟ କରିଥିଲେ । ଯୀଶୁ କ୍ରୁଶାର୍ପିତ ହେବା ସମୟରେ ସେମାନେ ଭୂମିକମ୍ପ ଓ ତିନି ଘଣ୍ଟା ଗାଢ଼ ଅନ୍ଧକାର ଫଳାଫଳ ଅନୁଭବ କରିଥିଲେ । ( ମାଥିଉ ୨୭ : ୫୧, ଲୂକ ୨୩ : ୪୪ ) । ଲୂକଙ୍କ ଲିଖିତ ବିବରଣରେ ଲେଖାଯାଏ । 'ଯେଉଁ ଲୋକ ସମୂହ ଦେଖିବାକୁ ଏକତ୍ରିତ ହୋଇଥିଲେ । ସେମାନେ ସମସ୍ତେ ସେହିସବୁ ଘଟଣା ଦେଖି ପଶ୍ଚାତ୍ତାପ କରୁ କରୁ ବାହୁଡ଼ି ଯିବାକୁ ଲାଗିଲେ ।' ( ଲୂକ ୨୩ : ୪୮ )

ପେଣ୍ଟିକଷ୍ଟ ଦିନରେ ଯିରୂଶାଲମରେ ଏକତ୍ରିତ ପିତରଙ୍କ ପ୍ରଚାରରେ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟଙ୍କୁ କ୍ରୁଶାର୍ପିତ କରିଅଛନ୍ତି ବୋଲି ବୋଧ ପାଇ ସେମାନଙ୍କୁ ପଚାରିଲେ, ଭାଇମାନେ ଆମ୍ଭେମାନେ କଅଣ କରିବା ? ତେଣୁ ପିତର ସେମାନଙ୍କୁ କହିଲେ ଆପଣମାନେ ମନପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବ । ( ପ୍ରେରିତ ୨ : ୩୮ )

: ୨୫ ) । ଅତଏବ, ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ
ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣ ରୂପେ ପରିତ୍ରାଣଦେବାକୁ
ସମର୍ଥ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ
ନିତ୍ୟ ଜୀବିତ । ( ଏବ୍ରୀ ୭ : ୨୫ ) । '... ...ଯେ ଜୟ କରେ
ତାହାକୁ ଆମ୍ଭେ ଈଶ୍ୱରଙ୍କ ପାରଦୀଶରେ ଥିବା ଜୀବନବୃକ୍ଷର ଫଳ
ଖାଇବାକୁ ଦେବୁ ।' ( ପ୍ରକାଶିତ ୨ : ୭ )

ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ସମୟରେ ସେ ପୁନର୍ବାର
ଜଗତରେ ନିବାସ କରିବେ ନାହିଁ । ବରଂ ବିଶ୍ୱସ୍ତ ଖ୍ରୀଷ୍ଟିୟାନ-
ଙ୍କୁ ଆପଣା ସହ ଅନନ୍ତ ଜୀବନକୁ ଘେନି ଯିବେ । ( ପ୍ରେରିତ
୧୧ ) । କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ
ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ,
ରେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଅଛନ୍ତି, ସେମାନେ
ରେ ଉଠିବେ । ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ
ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେ
ସେମାନଙ୍କ ସହ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ
ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ । ( ୧ମ
ଥେସଲନୀକୀୟ ୪ : ୧୬, ୧୭ ଓ ୧ମ କରନ୍ଥୀ ୧୫ : ୫୧-୫୪ ) ।
ଏହି କ୍ଷୟ ଶରୀର ଅକ୍ଷୟରୂପ ବସ୍ତ୍ର ଓ ଏହି ମର୍ତ୍ତ୍ୟ ଶରୀର
ତ ରୂପ ବସ୍ତ୍ର ପରିଧାନ କଲା ଉତ୍ତାରେ ଏହି ଲିଖିତ ବାକ୍ୟ
ହେବ, 'ଜୟ ମୃତ୍ୟୁ ଗ୍ରାସ କରିଅଛି' । 'ରେ ମୃତ୍ୟୁ, କାହିଁ
ଜୟ ? ରେ ମୃତ୍ୟୁ କାହିଁ ତୋର ନାହୁଡ଼ ? କିନ୍ତୁ
ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ
ଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ । ( ୧ମ କରନ୍ଥୀ
୫୪, ୫୫, ୫୭ )

ଜୀବନ୍ତ ଖ୍ରୀଷ୍ଟ କହନ୍ତି, ତେଣୁ ତୁମ୍ଭେମାନେ ଯେ ଆପଣା
ପାପରେ ମରିବ, ମୁଁ ତୁମ୍ଭମାନଙ୍କୁ ଏହା କହିଲି, କାରଣ
ସେହି ବ୍ୟକ୍ତି ଏହା ତୁମ୍ଭେମାନେ ବିଶ୍ୱାସ ନ କଲେ ଆପଣା

ଆପଣୀ ପାପରେ ମରିବ । ( ଯୋହନ ୮ : ୨୪ ) । ଆଉ ବିଶ୍ୱାସ
ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ
ଅଛନ୍ତି, ଆଉ ନିଜ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କର ପୁରସ୍କାର
ଦାତା ଏହା ତାହାଙ୍କ ସମ୍ମୁଖକୁ ଆସିବା ଲୋକର ବିଶ୍ୱାସ କରିବା
ଆବଶ୍ୟକ । ( ଏବ୍ରୀ ୧୧ : ୬ )

'ମୁଁ ତୁମ୍ଭମାନଙ୍କୁ କହୁଅଛି ନା, କିନ୍ତୁ ମନ ପରିବର୍ତ୍ତନ
ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ ।
( ଲୂକ ୧୩ : ୩ ) । 'ଈଶ୍ୱର ସେହି ଅଜ୍ଞାନତାର କାଳ ଉପେକ୍ଷା
କରିଅଛନ୍ତି ସତ୍ୟ, କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନ
ପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି । ( ପ୍ରେରିତ ୧୭ : ୩୦ ) ଆଉ
ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ ମୁଁ ମଧ୍ୟ
ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି ।
( ମାଥିଉ ୧୦ : ୩୨ )

ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର
କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି,
ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ,
କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ସ୍ୱୀକାର
କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।
( ରୋମୀୟ ୧୦ : ୯, ୧୦ )

ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ
ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ । ( ମାର୍କ ୧୬ : ୧୬ )
ଆପଣମାନେ ମନପରିବର୍ତ୍ତନ କରନ୍ତୁ ଆଉ ନିଜ ନିଜ ପାପକ୍ଷମାନିମନ୍ତେ
ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହା-
ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।
( ପ୍ରେରିତ ୨ : ୩୮ )

ଆମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇ ଅଛୁ ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ଵାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁ ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ଵାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥାପିତ ହେଲେ ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନ ନୂତନ ଭାବରେ ଆଚରଣ କରୁ । ( ରୋମୀୟ ୬ : ୩, ୪ ) ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି । ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟସବୁ ଲୋପ ପାଇଅଛି, ଦେଖ ନୂତନ ବିଷୟସବୁ ହୋଇଅଛି । ( ୨ୟ କରନ୍ଥୀ ୫ : ୧୭ )

କିନ୍ତୁ ଆତ୍ମାଙ୍କ ଫଳ, ପ୍ରେମ, ଆନନ୍ଦ, ଶାନ୍ତି, ଧୈର୍ଯ୍ୟ ସହିଷ୍ଣୁତା ପରୋପକାରିତା, ଭଦ୍ରତା, ବିଶ୍ଵସ୍ତତା ମୃଦୁତା ଓ ଆତ୍ମ ସଂଯମ, ଏହି ସମସ୍ତ ବିରୁଦ୍ଧରେ କୌଣସି ବ୍ୟସ୍ତତା ନାହିଁ । ଯେଉଁ-ମାନେ ଖ୍ରୀଷ୍ଟଯୀଶୁଙ୍କର ସେମାନେ ଶରୀରକୁ ସେଥିର କାମନା ଓ ଅଭିଳାଷ ସହିତ କ୍ରୁଶରେ ହତ କରିଅଛନ୍ତି । ( ଗାଲାତି ୫ : ୨୨, ୨୪ )

ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । ( ମାଥିଉ ୨୮ : ୨୦ )

ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି । ମୁଁ ଯେଉଁ ବାକ୍ୟ କହି ଅଛି, ତାହା ଶେଷ ଦିନରେ ତାହାର ବିଚାର କରିବ । ( ଯୋହନ ୧୨ : ୪୮ ।

—Odeal Pearcy

—o—

# SPIRITUAL SUICIDE

## INTRODUCTION :

1. To commit spiritual suicide is but to do anything that would result in the destruction of the soul.
2. Many people are committing physical suicide in our time but many more are committing spiritual suicide.

## DISCUSSION :

**A. Suicide is usually brought on by a number of things.**

1. A lack of knowledge in regard to certain matters.
2. A lack of faith in one's self and in others.
3. A desire to get away from certain sins or mistakes that have been committed.
4. A lack of thought on the victim's part.
5. A matter of taking revenge.
6. A matter of taking the easiest way out-seemingly.
7. A matter of being afraid.

**B. Spiritually, one may commit suicide by Rejecting Certain Truths.**

1. By rejecting Christ as the saviour (Matt. 2:21).
2. By rejecting the Bible altogether (2Tim. 3:16,17).
3. By rejecting the command of repentance (Lk. 13:3).
4. By rejecting the command of baptism (Mk. 16:16).
5. By rejecting the Lord's Church (Eph. 5:23).
6. By rejecting the name of Christ (Acts. 4:12).
7. By rejecting the New Testament worship (John 4:24).
8. By rejecting the Christian life (1Pet 4:16).
9. By rejecting the works (James 1:25).
10. By rejecting the one way (John 14:6).

**C. Spiritually; One may commit suicide by doing certain things.**

1. By remaining a sinner (Rom. 3:23).

2. By walking with the world (Rom. 6:23).
3. By accepting denominationalism (Matt. 15:9).
4. By preaching false doctrine (Gal 1:7-9).

**D. Live on by obeying God.**

1. Trust in the Lord (John 14:1).
2. Obey the Lord's will (Matt. 7:21).
3. Remain faithful to God (Jude 3).
4. Heaven will be your home (Rev. 22:14).
5. Live on for ever and ever (Matt. 25:46).

**CONCLUSION :**

1. The decision is yours.
2. Be sure you make the right decision.
3. Stay on the Lord's side and you'll never be sorry.

**- J. C. Choate.**

From
SATYA VANI
P.o. Box 80
KAKINADA - 533 001
Printed Book only

To

(FOR PRIVATE CIRCULATION ONLY)